## ବାଇକ୍ ଦୁର୍ଘଟଣାରେ ୨ଆହତ

ବାଙ୍ଗିରିପୋଷି,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଥରଖମ ଗ୍ରାମ ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ୨ ଜଣ ଆହତ ହୋଇଛନ୍ତି। ପଥରଖମ ଗ୍ରାମର ପ୍ରତାପ ନାଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବିପରିତ ଦିଗରୁ ଅନ୍ୟ ଏକ ବାଇକରେ ଆସୁଥିବା ଗୋହିରାପାଳ ଗ୍ରାମର ସୁମନ୍ତ କୁମାର ମୁର୍ମୁଙ୍କ ସହ ତାଙ୍କର ଧକ୍କା ହୋଇଥିଲା । ଫଳରେ ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଖବରପାଇ ବାଙ୍ଗିରିପୋଷି ଦମକଳ ବାହିନୀ କର୍ମଚାରୀମାନେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ୧୦ ଆହତ



**କେନ୍ଦୁଝର, ୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ହରିଚନ୍ଦନପୁରଠାରୁ ବ୍ରାହ୍ମଣୀପାଳ ଭିଆଇପି ରାସ୍ତାର ଖଡ଼ିବାହାଳୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଟାଟା ମ୍ୟାଜିକ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ନଦିଆ ଜିଲ୍ଲା କାଳିଗଞ୍ଜ ଥାନା ଅଞ୍ଚଳର ବଙ୍ଗାଳୀ ମିସ୍ତ୍ରୀ ଦଳ ଗତ କିଛି ଦିନ ହେବ ଶଗଡପଟା ରେଲୱେ ଷ୍ଟେଶନ ନିକଟରେ ରେଲୱେ କାର୍ଯ୍ୟ କରୁଥିଲେ। ଗୁରୁବାର ଅପରାହ୍ନରେ ଏକ ଟାଟା ମ୍ୟାଜିକ ଯୋଗେ ଶଗଡପଟାଠାରୁ ଯାଜପୁର ଅଭିମୁଖେ ଯାଉଥିବା ବେଳେ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ସେଥିରେ ସୁରମାନ ସେକ, ଜାମଲ ମଣ୍ଡଳ, ହାଇଆର ସେକ, ଲାଲନ ସେକ, ହାବିବୁର ସେକ, ଅନାର ମୁଲା, ଚାନ୍ଦୁ ସେକ, ସୁରତ ସେକ, ଫୁଡିଙ୍ଗ ସେକ, ଜାହିର ସେକ ପ୍ରମୁଖ ଥିଲେ। ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ବେଳେ ଜାହିର ସେକ ନାମକ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ହରିଚନ୍ଦନପୁର ଦମକଳ ବିଭାଗ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ ଯୋଗେ ଜଣାଇଥିଲେ। ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଜାହିରଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

### ହତ୍ୟା ଅଭିଯୋଗରେ ୨ ଗିରଫ

**ପାଟଣା,୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମ ଚିତିରି ସାହିର ଜଣେ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପେଟେରୋ ମୁଣ୍ଡା ଓ ପୂର୍ଣ୍ଣ ମୁଣ୍ଡା। ସୂଚନା ଯୋଗ୍ୟ ଯେ, ଉକ୍ତ ଗ୍ରାମର ଏକ ଘର ସମ୍ମୁଖରୁ ଗତ ରବିବାର ରାତିରେ ଜଣେ ବୃଦ୍ଧଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଥିଲା। ସୋମବାର ମୃତକଙ୍କ ପରିଚୟ ମିଳିଥିଲା। ସେ ହେଲେ ଉକ୍ତ ସାହିର ରଇବୁ ମୁଣ୍ଡା। ଘଟଣା ଘଟିବାର ୪ ଦିନ ପରେ ପୋଲିସ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୋମନାଥ ଜେନା ସୂଚନା ଦେଇଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ଶ୍ରୀବତ୍ସ ପଣ୍ଡାଙ୍କ ଜୟନ୍ତୀ

**ଭଦ୍ରକ ଅଫିସ, ୧।୧୦:** ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କ ଜୟନ୍ତୀ ଭଦ୍ରକ ଆର୍ଯ୍ୟ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶ୍ରୀବତ୍ସଙ୍କ ସଂଗ୍ରାମୀ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ଲାଲା ଲଜପତରାୟ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ସାମାଜିକ ସଂସ୍କାର କାର୍ଯ୍ୟରେ ସେ କିଭଳି ଲିପ୍ତ ରହିଥିଲେ ସେ ସମ୍ପର୍କରେ ମୁଖ୍ୟଅତିଥି ପଣ୍ଡା ଟିପ୍ପଣୀ ରଖିଥିଲେ। ନାରୀ ଶିକ୍ଷା ସଂସ୍କାର କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ଓ ସହ ସମ୍ପାଦକ ରବିନାରାୟଣ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଆଇନ ବାଲି ଚାଲାଣ, ନଦୀ ପଠାକୁ ବିପଦ

**ବାରିପଦା ଅଫିସ,୧।୧୦**



ଆରପଟା ସୈରାତରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଛି।

ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରୁ ପ୍ରତିଦିନ ବେଆଇନ ଭାବେ ବାଲି ଉତ୍ତୋଳନ ଚାଲିଛି। ଏହାକୁ ପ୍ରଶାସନ ରୋକି ପାରୁ ନ ଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି । ବେଆଇନ ବାଲି ଉତ୍ତୋଳନ ଯୋଗୁ ନଦୀପଠା କ୍ଷୟ ହେବା ସହ ଧନଜୀବନ ପ୍ରତି ବିପଦ ଆଶଙ୍କା ଦେଖା ଦେଇଛି। ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ଟ୍ରାନ୍‌ଜିଟ ପାସ୍‌ର ଦୁରୁପଯୋଗ କରି ଜିଲା ବାହାରକୁ ବାଲି ଚାଲାଣ କରାଯାଉଛି । ଏପରିକି ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ବେଳେ ରାଜସ୍ୱ ବିଭାଗ ନିଦାବିଷ୍ଟ ସାଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଏପରି ଘଟଣା ଦେଖିବାକୁ ମିଳିଛି ବଡ଼ସାହି ତହସିଲ ଅଧୀନ ଆରପଟା ବାଲି ଖାଦାନରେ। ଏଠାରୁ ଦିନରାତି ପମ୍ପ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିବା ଦେଖିବାକୁ ମିଳୁଛି। ଏହି ତହସିଲ ଅନ୍ତର୍ଗତ ଆରପଟା, ମହୁପୁରା, ବେଲପାଳ, ଡିଙ୍ଗିରା, ଟୁଣାଗମ୍ଭାରିଆ, ଶାକୁଆ ଓ ପ୍ରତାପପୁର ଅଞ୍ଚଳରେ ବାଲି ଉତ୍ତୋଳନ ପାଇଁ ସରକାରଙ୍କ ପକ୍ଷରୁ ଲିଜ୍ ଦିଆଯାଇଛି। ଚଳିତ ବର୍ଷ ଶାକୁଆ ସୈରାତ ନିଲାମ ହୋଇପାରି ନ ଥିବାରୁ ଅବଶିଷ୍ଟ ସୈରାତରୁ ବାଲି ଉତ୍ତୋଳନ କରାଯାଉଛି। ବେଲଚା ଯୋଗେ ବାଲି ଉତ୍ତୋଳନ କରିବାର ନିୟମ ରହିଥିବା ବେଳେ ବର୍ଷା ଦିନେ ନଦୀ ଗର୍ଭରୁ ବାଲି ଉତ୍ତୋଳନ ପାଇଁ କୌଣସି ନିୟମ ନାହିଁ। ମାତ୍ର ନିୟମକୁ ଫୁ କରି ସଲାସୁତୁରା କ୍ରମେ ଆରପଟା ଖାଦାନରୁ ପମ୍ପ ବସାଯାଇ ବାଲି ଉତ୍ତୋଳନ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ବେଆଇନ ବାଲି ଉତ୍ତୋଳନ ସାଙ୍ଗକୁ ଡମ୍ପର ଭଳି ଭାରିଯାନରେ ବାଲି ଚାଲାଣ କରାଯାଉଥିବାରୁ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଫଳରେ ଉଲ୍ଲଂଘନକାରୀଙ୍କ ପାଇଁ ପ୍ରଶାସନ ଚୁପ ବସିଥିବା ବେଳେ ଆବାସ ଗୃହ ପାଇଁ ଟ୍ରାକ୍ଟର ଯୋଗେ ବାଲି ଆଣୁଥିବା ହିତାଧିକାରୀଙ୍କୁ ହଇରାଣ ହରକତ କରାଯାଇ ହଜାର ହଜାର ଟଙ୍କା ଜରିମନା ଆଦାୟ କରାଯାଉଛି । ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଚୋରା ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ମମତାଜ ମହାରଣାଙ୍କୁ ପଚାରିବାରୁ ପମ୍ପ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ‘ବୟସ୍କଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ’

**ଖଇରା, ୧।୧୦(ଡି.ଏନ.ଏ.)**



ବୈଠକରେ ନାଗରିକ ମଞ୍ଚର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଦୁର୍ଗାମଣ୍ଡପ ପରିସରରେ ଗୁରୁବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ସ୍ଥାୟୀ ସଭାପତି ଶରତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ କରୋନା ସଙ୍କଟକାଳରେ ପ୍ରତ୍ୟେକ ପରିବାରରେ ବରିଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଖଇରା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କୈଳାସ ଚନ୍ଦ୍ର ପୃଷ୍ଟି, ଖବରଦାତା କୈଳାସ ଚନ୍ଦ୍ର ଦାସ, ଉତ୍କଳବନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଚିକିତ୍ସାଧିକାରୀ ଡା. ମିଶ୍ରଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯିବା ସହିତ ସଭ୍ୟ ଅନ୍ତର୍ଯ୍ୟାମୀ ପାତ୍ରଙ୍କ ତରଫରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ, ସମ୍ପାଦକ ମୁକ୍ତିକାନ୍ତ ଶତପଥି ସାଙ୍ଗଠନିକ ଆଲୋଚନା ଏବଂ ସନ୍ତୋଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭ୍ୟ ଅନାମ ଚରଣ ପଣ୍ଡା, ଜଗଦାନନ୍ଦ ମହାପାତ୍ର, କରୁଣାକର ମହାପାତ୍ର, ରତ୍ନାକର ସେଣ୍ଠ, ଅବନ୍ତୀ ମାଝୀ, ସୁରେନ୍ଦ୍ର ମାଝି, ଅରୁଣ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ଅନ୍ତର୍ଜାତୀୟ ୱେବିନାର ଉଦ୍‌ଯାପିତ

**ଭୋଗରାଇ, ୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟରେ ୧ମାସ ଧରି ଚାଲି ଆସୁଥିବା ୧୧ଟି ଅନ୍ତର୍ଜାତୀୟ ୱେବିନାର ଭିଡିଓ କନଫରେନ୍ସ ମାଧ୍ୟମରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସେଥିମଧ୍ୟରୁ ଗୋଟିଏ ଜାତୀୟ ଓ ଅନ୍ୟଟି ରାଜ୍ୟସ୍ତରୀୟ ଥିଲା। ଏହି ୱେବିନାରରେ ପଦାର୍ଥବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ରାଜନୀତି ବିଜ୍ଞାନ, ଓଡ଼ିଆ, ଶିକ୍ଷା, ଇଂଲିଶ, ଅର୍ଥନୀତି, ଇତିହାସ ଦର୍ଶନ ଓ ବାଣିଜ୍ୟ ବିଭାଗ ପକ୍ଷରୁ ଅନ୍‌ଲାଇନରେ ଶିକ୍ଷାପଦ୍ଧତି, ପଦାର୍ଥ ବିଜ୍ଞାନରେ ନୂତନ ଦିଗ, କରୋନା ମହାମାରୀରେ ବିଶ୍ୱ ଅର୍ଥନୀତି, ଟେକ୍ନୋଲୋଜି ଓ ଅଧୁନା ଶିକ୍ଷା ପଦ୍ଧତି, ଉପନିବେଶ ପରେ ଶିକ୍ଷା, ଗାନ୍ଧିଜୀଙ୍କ ଚିନ୍ତାଧାରାରେ ଆତ୍ମନିର୍ଭରଶୀଳ ଆଦି ଶୀର୍ଷକ ଆଲୋଚନାରେ ଦେଶ ବିଦେଶର ବହୁ ଗବେଷକ, ପ୍ରଫେସର, ବିଜ୍ଞବ୍ୟକ୍ତିମାନେ ସାମିଲ ଥିଲେ। କଲେଜ ଅଧ୍ୟକ୍ଷ ସୁଶୀଲ କୁମାର ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ୱେବିନାରକୁ ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା, ଡ. ଜଗନ୍ନାଥ କୁଅଁର, ହରେନ୍ଦ୍ର ନାରାୟଣ ବେହେରା, ଦିଲୀପ କୁମାର ଜେନା, ହିମାଂଶୁ ଶେଖର ଚାନ୍ଦ, ଶଶାଙ୍କ ଶେଖର ପ୍ରଧାନ, ରଞ୍ଜିତ ମଣ୍ଡଳ, ତ୍ରିବେଣୀ ଧରା, ଅଚିନ୍ତ ଦାସ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ପ୍ରାୟ ୩ହଜାର ଶିକ୍ଷୟିତ୍ରୀ, ଶିକ୍ଷକ, ଗବେଷକ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ବ୍ୟାଟେରି ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ



ଉଦ୍ଧାର ବ୍ୟାଟେରି ଓ ଗିରଫ ଚୋରି ଗ୍ୟାଙ୍ଗ୍‌ର ୫ ଅଭିଯୁକ୍ତ।

**ବଡବିଲ, ୧।୧୦(ସ୍ୱ.ପ୍ର.)**

**୫ ଅଭିଯୁକ୍ତ ଗିରଫ, ୨୪ ବ୍ୟାଟେରି ଉଦ୍ଧାର**

କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଟାୱାର ବ୍ୟାଟେରି ଚୋରି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୨୪ଟି ବ୍ୟାଟେରି ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚମ୍ପୁଆ ଥାନା କେଶରୀକୁଣ୍ଡସ୍ଥିତ ବୁଢାମରା ଗ୍ରାମର ଶ୍ରୀନାଥ କାରୁଆ, ବଡବିଲ ସେଡିଂ ହଟିଂ ଅଞ୍ଚଳର ମଧୁସୂଦନ ଦାସ, ଅଭିଷେକ ପ୍ରସାଦ, ବଡବିଲ ଠାକୁରାଣୀ ଅଞ୍ଚଳର ମହେନ୍ଦ୍ର ବାହାଦୁର ଏବଂ ରବି ମହାକୁଡ।

ସେପ୍ଟେମ୍ବର ୨୮ ତାରିଖ ବିଳମ୍ବିତ ରାତିରେ ସେଡିଂ ଅଂଚଳରେ ଥିବା ଏକ ମୋବାଇଲ ଟାୱାରରୁ ୨୪ଟି (ଏଚ୍‌ବିଏଲ୬୬ଏଏଚ୍) ବ୍ୟାଟେରି ଚୋରି ହୋଇଥିବା ନେଇ ୨୯ତାରିଖରେ ବଡବିଲ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ମାମଲା(ନଂ.୧୨୬/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପୋଲିସ ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସୋନୁ ଖାନ ଫେରାର ହୋଇଯାଇଥିବା ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

# ଧାରଣା ପରେ ବିଦ୍ୟୁତ୍ ମରାମତି ଆରମ୍ଭ



ବିଦ୍ୟୁତ ମରାମତି ପାଇଁ ଗ୍ରାମବାସୀ ଧାରଣା ଦେଇଛନ୍ତି।

**ବାହାନଗା, ୧।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତର ଦୁଇଟି ୱାର୍ଡରେ ଦୀର୍ଘଦିନ ଧରି ବିଦ୍ୟୁତ୍ କେବୁଲ ଠିକ୍ ଭାବେ ବିଛା ନ ଯିବା ଫଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହୋଇଆସୁଛି। ଫଳରେ ଦୁଇଦିନ ଧରି ଦୁଇଟି ୱାର୍ଡରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ଫଳରେ ଲୋକମାନେ ଅନ୍ଧାରରେ ରହିଛନ୍ତି। ଏହାର ପ୍ରତିବାଦ କରି ମଙ୍ଗଳବାର ଗ୍ରାମବାସୀ ବାହାନଗାସ୍ଥିତ ନେସ୍କୋ କନିଷ୍ଠଯନ୍ତ୍ରୀଙ୍କ ସେକ୍ସନ୍ ଫାଟକ ଆଗରେ ତାଲା ପକାଇ ଧାରଣାରେ ବସିବା ପରେ ବିଦ୍ୟୁତ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ସାଉଡୁ ପଞ୍ଚାୟତସ୍ଥିତ ମୁନିପଦାଠାରେ ଥିବା ୧୦୦କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି। ସେଠାରୁ ସାଉଡୁ ଗ୍ରାମର ୫ନମ୍ବର ଓ ୬ନମ୍ବର ୱାର୍ଡକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଗତ ୨୦୧୩ରେ ହୋଇଥିବା ଫନୀରେ ସାଉଡୁ ଗ୍ରାମ ସମେତ ସେହି ଦୁଇଟି ୱାର୍ଡରେ ସମସ୍ତ ବିଦ୍ୟୁତ୍ ତାର ଛିଡିଯାଇଥିଲା । ସେଥିପାଇଁ ପରେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦେବା ସହିତ ଗ୍ରାମକୁ କେବୁଲ୍ ଦ୍ୱାରା ବିଦ୍ୟୁତ୍ ସଂଯୋଗ କରିବା ପାଇଁ କେବୁଲ ତାର ଯୋଗାଇ ଦିଆଯାଇଥିଲା। ମାତ୍ର ସେତେବେଳେ ଦୁଇଟି ୱାର୍ଡକୁ ନୂଆ କେବୁଲରେ ବିଦ୍ୟୁତ୍ ତାର ନ ଟାଣି ପୁରୁଣା କେବୁଲ୍ ଦ୍ୱାରା ତାର ଟଣାଯାଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ ମଧ୍ୟ ପରେ ନୂଆ କେବୁଲ ଟଣାଯିବ ବୋଲି ଲୋକମାନଙ୍କୁ କହି ପୁରୁଣା କେବୁଲରେ କାମ ସାରିଦେଇଥିଲେ। ଫଳରେ ଦୁଇଟି ୱାର୍ଡରେ ବାରମ୍ବାର ବିଦ୍ୟୁତ୍ ତାର ଛିଡିଯିବା ଯୋଗୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବାବଦରେ ଉପଭୋକ୍ତାମାନେ ବାରମ୍ବାର ବାହାନଗା ନେସ୍କୋ ଏସ୍‌ଡିଓ ଶୁଭଦୀପ୍ତ ମିଶ୍ରଙ୍କଠାରେ ଅଭିଯୋଗ କରିବା ସହିତ ନେସ୍କୋର ବାହାନଗା ସେକ୍ସନ୍‌ର କନିଷ୍ଠ ଯନ୍ତ୍ରୀ ରବିନାରାୟଣ ଦାସଙ୍କୁ ମଧ୍ୟ ନୂଆ କେବୁଲ୍ ଟାଣିବା ପାଇଁ ଦାବି କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନ ଥିଲେ । ତେବେ ଗତ ୨୭ତାରିଖଠାରୁ ବିଦ୍ୟୁତ୍ କେବୁଲ ପୋଡିଯିବା ଯୋଗୁ ଦୁଇଦିନ ଧରି ୫, ୬ନମ୍ବର ଦୁଇଟି ୱାର୍ଡର ୧୪୦ରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତାମାନେ ଅନ୍ଧାରରେ ରହି ଆସୁଛନ୍ତି। ଏ ବିଷୟରେ ଅଭିଯୋଗ କଲେ ମଧ୍ୟ କେହି ମରାମତି କରୁ ନ ଥିବାରୁ ଶେଷରେ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। କନିଷ୍ଠଯନ୍ତ୍ରୀ ରବିନାରାୟଣ ଦାସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହିତ ଗ୍ରାମରେ କାମ ଆରମ୍ଭ କରିବା ପରେ ଧାରଣା ପ୍ରତ୍ୟାହାର କରିଥିଲେ । ପରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ନୂଆ କେବୁଲ ଖୁବ୍‌ଶୀଘ୍ର ଲାଗିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନ ସଭା ଭଣ୍ଡୁର

**ଢେଙ୍କିକୋଟ, ୧।୧୦ (ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପିପିଳିଆ ଗ୍ରାମପଞ୍ଚାୟତ ବଙ୍କପାଟୁଲି ହାଟ ପଡ଼ିଆଠାରେ ହେବାକୁ ଥିବା ନବନିର୍ମାଣ କୃଷକ ସଂଗଠନର ଏକସଭାକୁ ପୋଲିସ ଭଣ୍ଡୁର କରିଛି । ଗୁରୁବାର କେନ୍ଦୁଝର ଜିଲା ଘଟଗାଁ ବ୍ଲକର ୨୭ ଟି ଗ୍ରାମପଞ୍ଚାୟତ କୃଷକ ମାନଙ୍କୁ ନେଇ ନବ ନିର୍ମାଣ କୃଷକ ସଭା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ଏଥିନିମନ୍ତେ ବ୍ଲକର ସମସ୍ତ କୃଷକ ମାନଙ୍କୁ ଅବଗତ ମଧ୍ୟ କରା ଯାଇଥିଲା ଏବଂ ସଭା ନିମନ୍ତେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ମାର୍ଗ ଦର୍ଶକ ଭାବେ ପହଞ୍ଚିଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା, ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ସେଠାରେ ପହଞ୍ଚି ସଭା କରିବାପାଇଁ ବାରଣ କରିଥିଲେ । ଏବଂ ଗ୍ରାମାଞ୍ଚଳର କୃଷକମାନଙ୍କୁ ଫେରି ଯିବା ପାଇଁ କହି ସଭା ଭଣ୍ଡୁର କରିଛନ୍ତି। ଏହି ସଭା ଭଣ୍ଡୁର ଅଗାମୀ ଦିନରେ ସରକାରଙ୍କୁ ମହଙ୍ଗା ପଡିବ ବୋଲି ସଂଗଠକ ମାନେ କହିଛନ୍ତି। ୫ ହଜାରରୁ ଉର୍ଦ୍ଧ୍ୱ କୃଷକ ଏକତ୍ରିତ ହୋଇଥିଲେ।

# ମିତ୍ତଲକୁ କାରଣ ଦର୍ଶାଅ ନୋଟିସ

**କେନ୍ଦୁଝର, ୧।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଏମ୍‌ଏସ୍ ଆର୍ସେଲର ମିତ୍ତଲ ଲିଜ୍‌ରେ ନେଇଥିବା ଠାକୁରାଣୀ ଲୁହାପଥର ଖଣିରେ ଧାର୍ଯ୍ୟ ପରିମାଣର ଖଣିଜ ଉତ୍ତୋଳନ ନ ହେବାରୁ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ମିତ୍ତଲ କମ୍ପାନୀକୁ ନୋଟିସ ଜାରି ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଧାର୍ଯ୍ୟ ୮୦% ଖଣିଜ ଉତ୍ତୋଳନ କରିପାରି ନ ଥିବାରୁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଖଣି ନିର୍ଦ୍ଦେଶାଳୟ ଚିଠି ନଂ. ୬୬୭୮/୧୫ ସେପ୍ଟେମ୍ବର ୨୦୨୦ରେ କମ୍ପାନୀର ଠାକୁରାଣୀ ଆଇରନ୍ ଓର୍ ବ୍ଲକରେ ମିନେରାଲସ କନସେସନ ରୁଲ୍ ୧୨ଏ, ୨୦୧୬ର ଖିଲାପ ହୋଇଥିବା ନେଇ କମ୍ପାନୀକୁ ଚିଠି ହୋଇଛି।

ଏହି କମ୍ପାନୀ ନିଲାମରେ ଉକ୍ତ ଖଣିକୁ ପାଇବା ପରେ ୨୫ ଜୁନ୍ ୨୦୨୦ରେ ଜିଲାପାଳ, କେନ୍ଦୁଝରଙ୍କ ସହିତ ମାଇନିଂ ଡେଭେଲପମେଣ୍ଟ ଆଣ୍ଡ ପ୍ରଡକ୍ସନ ଏଗ୍ରିମେଣ୍ଟ (ଏମଡିପିଏ) ଅନୁଯାୟୀ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ଏହି ଚୁକ୍ତିନାମା ଅନୁଯାୟୀ କମ୍ପାନୀ ପ୍ରଥମ ଦୁଇବର୍ଷରେ ବାର୍ଷିକ ୮୦ ପ୍ରତିଶତ ଉତ୍ତୋଳନ କରିବା କଥା। ଏଥିରେ ଖିଲାପ ହେଲେ ଏମ୍‌ଡିପିଏ ଅନୁଯାୟୀ ଦଣ୍ଡିତ ହେବାର ନିୟମ ରହିଛି। ଏହି ଚୁକ୍ତି ମୁତାବକ ସେପ୍ଟେମ୍ବର ୨୧, ୨୦୨୦ ସୁଦ୍ଧା କମ୍ପାନୀ ସର୍ବନିମ୍ନ ୯୮୯,୯୦୩.୭୯ ମେଟ୍ରିକ ଟନ୍ ଲୁହାପଥର ପରିବହନ କରିବା କଥା। କିନ୍ତୁ ଏହି ସମୟ ମଧ୍ୟରେ କମ୍ପାନୀ ୧୦୬,୮୪୫.୫୯ ମେଟ୍ରିକ ଟନ୍ ପରିବହନ କରିଛି। ଯାହାକି ଧାର୍ଯ୍ୟ ପରିମାଣଠାରୁ ୮୮୩,୦୫୮.୨୦ ମେଟ୍ରିକ ଟନ୍ କମ୍। ଏଣୁ ମିନେରାଲ କନସେସନ ରୁଲ, ୨୦୧୬ର ଧାରା ୧୨(ଏ) ୧ (ପାରା ୮.୧) ଏବଂ ସିଡ୍ୟୁଲଡ ଡି ଅଫ ଏମ୍‌ଡିପିଏର ଖିଲାପ ହୋଇଛି ବୋଲି ଚିଠିରେ ଦର୍ଶାଯାଇଛି । ଏନେଇ ୧୫ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ୍‌ର ରିପୋର୍ଟ ଦାଖଲ କରିବାକୁ ଖଣି ଓ ଇସ୍ପାତ ବିଭାଗ ଆଦେଶ ଦେଇଛି।

## ଚମ୍ପୁଆରେ ନୂତନ ଥାନା ଅଧିକାରୀ

**ଚମ୍ପୁଆ,୧।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଥାନାରେ ନୂତନ ଥାନାଅଧିକାରି ଭାବେ ବିଜୟ କୃଷ୍ଣ ମହାପାତ୍ର ଯୋଗ ଦେଇଛନ୍ତି। ସେ ପୂର୍ବରୁ କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନାରେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଗତ ୨୯ ତାରିଖରେ ସେ ଚମ୍ପୁଆ ଥାନାଅଧିକାରି ଭାବେ ଯୋଗ ଦେଇଛନ୍ତି। ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଆଇନ ଶୃଙ୍ଖଳାକୁ ଗୁରୁତ୍ୱ ଦେବାସହ ନିଷ୍ଠାର ସହ କାର୍ଯ୍ୟ କରିବେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ପ୍ରତିବାଦ ଦିବସ

**ବାଲେଶ୍ୱର ଅଫିସ,୧।୧୦**

ଜାତୀୟ ଶିକ୍ଷାନୀତି ବିରୋଧରେ ଅଖିଳ ଭାରତ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ସଭାପତି ଅର୍ଜୁନ କରଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଅଣଶିକ୍ଷକ କର୍ମଚାରୀ ଯୋଗଦେବା ସଙ୍ଗେ ସଙ୍ଗେ ଜାତୀୟ ନୂତନ ଶିକ୍ଷାନୀତିର ବିରୋଧ ସ୍ୱରୂପ ବିଭିନ୍ନ ଦାବି ସମ୍ବଳିତ ପ୍ଲା କାର୍ଡ ଧରି ସ୍ୱର ଉତ୍ତୋଳନ କରିଥିଲେ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଶିକ୍ଷାନୀତିର ପ୍ରତ୍ୟାହାର, ଦରମା ହାରକୁ ସାର୍ବଜନୀନ କରିବା ପାଇଁ ଦରମା ପୁନଃ ନିର୍ଦ୍ଧାରଣ କମିଟି ଗଠନ, ଠିକା, ଅସ୍ଥାୟୀ ଓ ଆଉଟ୍‌ସୋର୍ସ କର୍ମଚାରୀମାନଙ୍କୁ ନିୟମିତ କରିବା, କାର୍ଯ୍ୟଭାର ବୃଦ୍ଧି ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଯଥେଷ୍ଟ କର୍ମଚାରୀ ନିଯୁକ୍ତି କରାଯିବା, ପୂର୍ବରୁ ପେନସନ୍ ବ୍ୟବସ୍ଥାକୁ ଜାରି ରଖିବା ଆଦି ଦାବିଗୁଡ଼ିକ ରହିଛି। ଏହାବ୍ୟତୀତ ବେକାରି ସମସ୍ୟାର ପ୍ରତିକାର ଏବଂ ଚାଷୀ ତଥା ଅସମର୍ଥିତ କ୍ଷେତ୍ରର ଶ୍ରମିକ/କର୍ମଚାରୀମାନଙ୍କ ସକାଶେ ପ୍ରୟୋଜନୀୟ ପଦକ୍ଷେପ ଗ୍ରହଣ ଅଖିଳ ଭାରତ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ପ୍ରମୁଖ ଦାବି ରୂପେ ଏକ ପ୍ରତିବାଦ ଦିବସ ଭାବେ ପାଳନ କରାଯାଇଛି। ଆଗକୁ ଆବଶ୍ୟକ ହେଲେ ଆନ୍ଦୋଳନ ଡାକରା ଦିଆଯିବ ବୋଲି ସଂଘୀୟ କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ।




ଫକୀରମୋହନ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ତରଫରୁ ପ୍ରତିବାଦ କରାଯାଉଛି।

# କୃଷକଙ୍କ ହିତ ପାଇଁ କୃଷି ବିଲ୍ : କେନ୍ଦ୍ରମନ୍ତ୍ରୀ

**ବାଲେଶ୍ୱର ଅଫିସ, ୧।୧୦**



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

କେନ୍ଦ୍ର ସରକାର ପାସ୍ କରିଥିବା କୃଷି ବିଲ୍ କୃଷକମାନଙ୍କ ହିତ ପାଇଁ। ଏହାଦ୍ୱାରା କୃଷକମାନେ ସିଧାସଳଖ ଲାଭ ପାଇପାରିବେ। ସେମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ସିଧାସଳଖ ବ୍ୟବସାୟୀଙ୍କୁ ବିକ୍ରି କରିପାରିବେ। କୃଷି କାର୍ଡ଼କୁ ନେଇ ଉପୁଜୁଥିବା ସମସ୍ୟା ରହିବ ନାହିଁ। ଚାଷୀମାନଙ୍କୁ ମଧ୍ୟସ୍ଥିମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ବିରୋଧୀ ଦଳଗୁଡ଼ିକ ରାଜନୈତିକ ଫାଇଦା ପାଇଁ ଚାଷୀମାନଙ୍କୁ ବିଭ୍ରାନ୍ତି କରାଉଛନ୍ତି। ଚାଷୀମାନେ ବିଭ୍ରାନ୍ତକାରୀ ତଥ୍ୟରୁ ବିରତ ହେବା ଦରକାର ବୋଲି ଗୁରୁବାର ବାଲେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି।

ସ୍ୱାଧୀନତାର ୭୩ବର୍ଷ ପରେ ଚାଷୀମାନେ ନିଜର ଉତ୍ପାଦିତ କୃଷିଦ୍ରବ୍ୟକୁ ମୂଲ୍ୟାୟନ କରିବାକୁ ସରକାର ସୁଯୋଗ ଦେଇଛନ୍ତି। ଚାଷୀମାନଙ୍କୁ ଟ୍ରେଡିଂ ବ୍ୟବସାୟୀମାନେ ଗୋଟିଏ ଦିନରେ କିମ୍ବା ୩ ଦିନ ମଧ୍ୟରେ ଟଙ୍କା ଦେବାକୁ ବାଧ୍ୟ। ଚାଷୀମାନେ ରାଜ୍ୟ ଓ ଦେଶ ମଧ୍ୟରେ ଅନଲାଇନ୍ କିଣାବିକା କରିପାରିବାର ଅଧିକାର କେନ୍ଦ୍ର ସରକାର ଦେଇଛନ୍ତି। ଚାଷୀମାନଙ୍କ ହିତ ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି। ତନ୍ମଧ୍ୟରୁ ସଏଲ ହେଲ୍‌ଥ କାର୍ଡ଼, କିଷାନ ସମ୍ମାନ ନିଧି ଯୋଜନାରେ ବର୍ଷକୁ ୬ହଜାର ଟଙ୍କା, ସେହିପରି ଏମ୍‌ଏସ୍‌ପିକୁ ଦେଢ଼ଗୁଣ କରିବା, କୃଷିର ଭିତ୍ତିଭୂମିର ପୁନରୁଦ୍ଧାର ପାଣ୍ଠି ପାଇଁ ୧ଲକ୍ଷ କୋଟି ଟଙ୍କା ସରକାର ପ୍ରଦାନ କରିଛନ୍ତି। ଚାଷୀଙ୍କ ବୀମା ସହାୟତା ପାଇଁ ଆଇନରେ ସଂଶୋଧନ କରାଯାଇଛି। ଚାଷୀଙ୍କୁ ବ୍ୟାଙ୍କରୁ ସହଜରେ ଋଣ ମିଳିବା ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, କୃଷକ ନେତା ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ।

## ଗଜପତିରେ ୨୯ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,(ସ୍ୱ.ପ୍ର.)- ଗଜପତିରେ ଗୁରୁବାର ୨୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫୮୦ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ସର୍ବାଧିକ ୧୩ଜଣ, ମୋହନାରୁ ୬, ନୂଆଗଡରୁ ୪, ଗୋଷାଣୀରୁ ୩, ଗୁମ୍ମାରୁ ଜଣେ, ରାୟଗଡରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସ୍ୱାମୀଙ୍କୁ ହତ୍ୟାକଲେ ସ୍ତ୍ରୀ

ଧରାକୋଟ,୧।୧୦(ଡି.ଏନ.ଏ.)- ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଓଲନ୍ଧା ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ଦେଢଶାଶୁ ମିଶି ହତ୍ୟା କରିଥିବା ବଡ଼ଗଡ଼ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ସୂଚନା ଦେଇଛନ୍ତି। ମୃତକ ହେଲେ ପଞ୍ଚାନନ ନାୟକ (୪୦)। ଏନେଇ ବଡ଼ଗଡ଼ ଥାନାରେ ନଂ.୨୬୨/୨୦ରେ ମାମଲା ରୁଜୁ କରାଯାଇଛି। ସ୍ତ୍ରୀ କୁନି ଓ ଦେଢଶାଶୁ ପାଣ୍ଡିଙ୍କୁ ଗୁରୁତର ଅବସ୍ଥାରେ ଆସିକା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାର ଅଧିକ ତଦନ୍ତ ପାଇଁ ଫରେନ୍ସିକ୍ ଟିମକୁ ଡ଼କାଯିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ପ୍ରକାଶ ଯେ, ଗୁରୁବାର ସକାଳୁ ସ୍ତ୍ରୀ ଏବଂ ଦେଢ଼ଶାଶୁଙ୍କ ସହ କୌଣସି କଥାକୁ ନେଇ ପଞ୍ଚାନନଙ୍କର ଝଗଡା ହୋଇଥିଲା। ଉତ୍କ୍ଷିପ୍ତ ହୋଇ ପଞ୍ଚାନନ ଉଭୟଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନଙ୍କ ପ୍ରତି ଆକ୍ରମଣରେ ପଞ୍ଚାନନଙ୍କ ମୃତ୍ୟୁ ଘଟିଥିବା ଥାନା ଅଧିକାରୀଙ୍କ ଠାରୁ ପ୍ରକାଶ। ଘଟଣା ସମ୍ପର୍କରେ ଓଲନ୍ଧା ଗ୍ରାମର ଦୟାନିଧି ସେଠୀ ବଡ଼ଗଡ଼ ଥାନାକୁ ସୂଚନା ଦେବାପରେ ପୋଲିସ ପହଞ୍ଚିଥିଲା। ଫରେନ୍ସିକ ଯାଞ୍ଚ ଓ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ବଡ଼ଗଡ଼ ଥାନାଧିକାରୀ କହିଛନ୍ତି।

### ଜେଲ ଗଲେ ବଳାତ୍କାର ଅଭିଯୁକ୍ତ

ଦିଗପହଣ୍ଡି,୧।୧୦(ଡି.ଏନ.ଏ.)- ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ଘରେ ପଶି ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତ ଜେଲ୍ ଯାଇଛନ୍ତି। ସେ ହେଲେ ଅଙ୍ଗଦ ମଳିକ। ଦିଗପହଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ବ୍ରହ୍ମପୁର ଜିଲା ଦୌରା ଜଜ କୋର୍ଟକୁ ଚାଲାଣ କରଛି। ମାମଲା ନଂ.୨୧୫/୨୦ ଦଫା ୪୫୭/୩୭୬(ଆଇ) ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ବ୍ରହ୍ମପୁର ବଡ ଡ଼ାକ୍ତରଖାନାରେ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସ. ଆଇ ମାଧବ ଚନ୍ଦ୍ର ଟାକରି କହିଛନ୍ତି। ମହିଳାଙ୍କ ସ୍ୱାମୀ ବାହାର ରାଜ୍ୟକୁ କାମ କରିବାକୁ ଯାଇଛନ୍ତି। ଏହାର ସୁଯୋଗ ନେଇ ଅଙ୍ଗଦ ଗତ ୧୫ ତାରିଖ ରାତିରେ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ମହିଳାଙ୍କ ପାଟି ଶୁଣି ଶ୍ୱଶୁର,ଦେଢ଼ଶୁର ଉଠିବା ବେଳକୁ ଅଙ୍ଗଦ କୌଶଳକ୍ରମେ ଖସି ଯାଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି।

### ଚୋରି ଜିନିଷ ଉଦ୍ଧାର, ୩ ଗିରଫ

ଆସିକା,୧।୧୦(ଡି.ଏନ୍.ଏ)- ଆସିକା ଥାନା ଇଲାକାରେ ମଙ୍ଗଳବାର ରାତିରେ ପୃଥକ ଦୁଇଟି ଚୋରି ଘଟଣାରେ ପୋଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। କର୍ପୁର ନୂଆଗାଁ ଗ୍ରାମରୁ ଜେସିବି ମେଶିନର ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଭୀମସେନ ଦଳାଇଙ୍କ ଅଭିଯୋଗକ୍ରମେ ନଂ.୪୯୬/୨୦ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ପୋଲିସ ପାକଲାପଲ୍ଲୀ ଗ୍ରାମର ସମୀର ପରିଡାଙ୍କୁ ଓ ଚୋରି ଜିନିଷ କିଣିଥିବା ଅଭିଯୋଗରେ ମାମୁଁଡିହ ଗ୍ରାମର ପ୍ରତାପ ସାହୁଙ୍କୁ ଗିରଫ କରିଛି। ସେହିପରି ପୁଡୁଗେଶ୍ୱରପଲ୍ଲୀ ଗ୍ରାମରେ ହୋଇଥିବା ପାଇପ ଚୋରି ମାମଲାରେ ସେହି ଗ୍ରାମର ମୁରଲି ନାୟକଙ୍କୁ ଗିରଫ କରାଯାଇଛି। ପାଇପ ଚୋରି ନେଇ ପୁଡୁଗେଶ୍ୱରପଲ୍ଲୀ ଗ୍ରାମର ସନାତନ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ନଂ.୪୯୭/୨୦ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଚୋରି ଜିନିଷ ଉଦ୍ଧାର କରିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଗଞ୍ଜାମରେ କୋଭିଡ୍ ସପ୍ତାହ ସରିଲା

■ଭୟ ଯାଇନି, ନିୟମ ମାନିବାକୁ ପଡିବ: ଜିଲାପାଳ
■୪.୩୧ ଲକ୍ଷଙ୍କ ହେଲାଣି କରୋନା ଟେଷ୍ଟ

ଛତ୍ରପୁର,୧।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାରେ କୋଭିଡ୍ ସପ୍ତାହ ପାଳନ ଗୁରୁବାର ସରିଛି। ଜିଲାବାସୀଙ୍କ ସହଯୋଗ ଲାଗି କରୋନା ସ୍ଥିତିରେ ସୁଧାର ଆସିବା ସହ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଗୁରୁବାର ସନ୍ଧ୍ୟାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଫେସ୍‌ବୁକ ଓ ଟୁଇଟରରେ ଲାଇଭରେ ଆସି ଗଞ୍ଜାମବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଆହୁରି କହିଛନ୍ତି, କରୋନା ଯାଇନି, ତେଣୁ ସାମାଜିକ ଦୂରତା ନିୟମ ମାନିବାକୁ ପଡିବ। ମାସ୍କ ପିନ୍ଧିବା ଓ ବାହାରୁ ଘରକୁ ଫେରିଲେ ହାତ ଧୋଇବା ଅଭ୍ୟାସ ଜାରି ରଖିବାକୁ ପଡିବ। ନଚେତ୍ ସଂକ୍ରମିତ ହେବା ସମ୍ଭାବନା ରହିଛି। ଏବେ ବି କେତେଜଣ ଦୋକାନୀ ପଞ୍ଚସୂତ୍ର ନିୟମକୁ ଗୁରୁତ୍ୱ ଦେଉ ନ ଥିବା ଜିଲାପାଳ କହିଥିଲେ। ସେହିପରି ଲୋକେ ବିନା ମାସ୍କରେ ବି ବୁଲୁଛନ୍ତି। ଅଟୋରେ ବିନା ମାସ୍କରେ ଲୋକେ ଯା'ଆସ କରୁଛନ୍ତି। ଏହାଦ୍ୱାରା ପୁଣି ସଂକ୍ରମଣ ସମ୍ଭାବନା ରହିଛି। ଯେ ପର୍ଯ୍ୟନ୍ତ କରୋନା ପାଇଁ କୌଣସି ଔଷଧ କିମ୍ବା ଭ୍ୟାକ୍ସିନ୍ ଆସିନି ସେ ପର୍ଯ୍ୟନ୍ତ କୋଭିଡ୍ ନିୟମକୁ ପାଳନ କରିବାକୁ ଗଞ୍ଜାମବାସୀଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା ନିମନ୍ତେ ସମସ୍ତେ ଚିନ୍ତା କରନ୍ତୁ ବୋଲି ଜିଲାପାଳ କହିଛନ୍ତି। କୋଭିଡ୍ ସପ୍ତାହ ପାଳନ ଅବସରରେ ପ୍ରତି ଗାଁ, ସହରର ସମସ୍ତ ୱାର୍ଡରେ ସଚେତନତା ରାଲି କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀ, କୋଭିଡ୍ ସଖୀ, କୋଭିଡ୍ ମନିଟର, ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ। ଏଥିସହ ଘର ଘର ବୁଲି ସ୍କ୍ରିନିଂ, ଲକ୍ଷଣ ଚିହ୍ନଟ, ଅକ୍ସିଜେନ୍‌ସ୍ତର ଯାଞ୍ଚ, ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନଲାଇନ୍‌ରେ ସ୍ଲୋଗାନ ଓ ବକ୍ତୃତା ଏବଂ ଡ୍ରଇଂ ଓ ପେଣ୍ଟିଂ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀ ଶୁକ୍ରବାର ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ ହେବେ। ଜିଲାରେ ଏବେ ସୁଦ୍ଧା ୪ ଲକ୍ଷ ୩୧ ହଜାର ୩୬୩ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଗୁରୁବାର ଆଉ ୪୨ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୬୧ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨୦,୧୯୩ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୧୯ ହଜାର ୬୭୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ୨୬୮ ଜଣ ସକ୍ରିୟ ରୋଗୀ ଅଛନ୍ତି। କରୋନାରେ ୨୨୦ ଜଣଙ୍କ ଜୀବନ ଯାଇଛି। ଅନ୍ୟ ୮ ଜଣଙ୍କ ଅଣକୋଭିଡ୍‌ରେ ମୃତ୍ୟୁ ହୋଇଛି।


ଜଣେ ମହିଳା ଅଧିକାରୀ ସୁନେଲିଙ୍କ ସମ୍ପର୍କରେ ତଦନ୍ତ ପାଇଁ ପହଞ୍ଚିଛନ୍ତି।

# ସୁନେଲିଙ୍କ ଘରେ ପହଞ୍ଚିଲା ପ୍ରଶାସନ

'ଧରିତ୍ରୀ' ପ୍ରଭାବ

ଦାରିଙ୍ଗବାଡ଼ି,୧।୧୦(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ବାଡାବାଙ୍ଗା ପଞ୍ଚାୟତ ଶୁକ୍ରୁ ଦିଗାଳଙ୍କ ୧୧ ବର୍ଷର ଝିଅ ସୁନେଲି ଗତିଶୀଳ ବାଧକ (ଲୋକୋମୋଟର ଡିସ୍‌ଆବିଲିଟି)ରେ ପୀଡିତ ଯୋଗୁ ଶାରୀରିକ ବୃଦ୍ଧି ଘଟୁନାହିଁ। ଫଳରେ ୧୧ ବର୍ଷ ହୋଇଥିଲେ ମଧ ସ୍କୁଲ ଯାଇନାହାନ୍ତି। ଏନେଇ ଗୁରୁବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଶିକ୍ଷା ବିଭାଗ ଓ ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମାତ୍ର କୌଣସି ଲିଖିତ ରିପୋର୍ଟ ପ୍ରସ୍ତୁତ ନ କରି କେବଳ ଫଟୋ ଉଠାଇ ଫେରିଥିବା ଶୁକ୍ରୁ ଦିଗାଳ ଅଭିଯୋଗ କରିଛନ୍ତି। ଜଣେ ମହିଳା ଅଧିକାରୀ ଆସି ନିକଟ ବିଦ୍ୟାଳୟରେ ନାମ ଲେଖିବାକୁ ପରାମର୍ଶ ଦେବା ସହ ବିଭିନ୍ନ ପ୍ରମାଣପତ୍ର ନେଇ ବିଆରସିଙ୍କ କାର୍ଯ୍ୟାଳୟରେ ପହଞ୍ଚିବାକୁ କହିଥିଲେ।

ଏନେଇ ଦାରିଙ୍ଗବାଡ଼ି ବିଆରସି ତଥା ଏବିଇଓ ସୁବାସିନୀ ଦିଗାଳ କହିଛନ୍ତି, ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରଶ୍ମିତା ସେନାପତି ସୁନେଲିଙ୍କ ଘରକୁ ଯାଇ ଭତ୍ତା ପାଇଁ ଆବେଦନ କରିବାକୁ ଏକ ଫର୍ମ ପ୍ରଦାନ କରିଛନ୍ତି। ସେ ନିଜେ ଯାଇ ତାଙ୍କ ପାଠପଢ଼ା ବ୍ୟବସ୍ଥା କରିବା ସହ ଦିବ୍ୟାଙ୍ଗ ଭତ୍ତା ପାଇଁ ସମସ୍ତ ବ୍ୟବସ୍ଥା ସହ ତାଙ୍କ ବିଭାଗ ପକ୍ଷରୁ ବାଣିଶ୍ରୀ ଭତ୍ତା ବାର୍ଷିକ ୨ ହଜାର ସହ ଏସ୍କର୍ଟ ଆଲାଉନ୍ସ ବାର୍ଷିକ ୩ ହଜାର ଯୋଗାଇଦେବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# କାର୍ଯ୍ୟରୁ ଅନ୍ତର ମେଡିକାଲ କର୍ମଚାରୀଙ୍କ ଧାରଣା


ଧାରଣା ଦିଆଯାଇଛି।

ଛତ୍ରପୁର,୧।୧୦(ଡି.ଏନ.ଏ.)

**ଚୁକ୍ତି ଅନୁଯାୟୀ ଚାକିରି ଅବଧି ସରିଲା**

କରୋନା ମହାମାରୀରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଗଞ୍ଜାମ ଜିଲାରେ ୫୦୦ରୁ ଊର୍ଦ୍ଧ୍ୱ ଏଏନ୍‌ଏମ, ଜିଏନ୍‌ଏମ, ଷ୍ଟାଫ ନର୍ସ ଓ ଫାର୍ମାସିଷ୍ଟଙ୍କୁ ୩ ମାସିଆ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ଏମାନେ ଜିଲାର ବିଭିନ୍ନ ବ୍ଲକରେ ନିୟୋଜିତ ହୋଇ ଲୋକଙ୍କ ସ୍ୱାବସଂଗ୍ରହ, ଘରକୁ ଘର ବୁଲି ଥର୍ମାଲ ସ୍କ୍ରିନିଂ,ଅକ୍ସିଜେନ୍‌ସ୍ତର ଯାଞ୍ଚ କରିବା ସହ କୋଭିଡ୍ ହସ୍ପିଟାଲରେ ନିୟୋଜିତ ହୋଇଥିଲେ। ୩ ମାସିଆ ଅବଧି ସରିବା ପରେ ଏବେ ଏହି କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏହା ପ୍ରତିବାଦରେ କାର୍ଯ୍ୟରୁ ଅନ୍ତର ଶତାଧିକ ଏଏନଏମ, ଜିଏନଏମ, ଷ୍ଟାଫ୍ ନର୍ସ ଓ ଫାର୍ମାସିଷ୍ଟ ଗୁରୁବାର ଛତ୍ରପୁର ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୁନଃନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ଉକ୍ତ ଧାରଣା ଚାଲିବ ବୋଲି ସେମାନେ କହିଛନ୍ତି। କରୋନା ସମୟରେ କେହି କାମ କରିବା ପାଇଁ ଆଗକୁ ଆସୁନଥିବା ବେଳେ ଆମେ ଆଗେଇ ଆସି ୩ ମାସିଆ ଚୁକ୍ତିଭିତ୍ତିକ ହିସାବରେ କାମ କଲୁ। ଏପରିକି ଯେଉଁ ଦିନ କାର୍ଯ୍ୟରୁ ହଟାଯାଇଥିଲା ସେଦିନ ମଧ୍ୟ କାମ କରିଛୁ ବୋଲି ଆନ୍ଦୋଳକାରୀମାନେ କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହା ଉପରେ କୌଣସି ସଠିକ ଉତ୍ତର ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁ ରଖିବେ ବୋଲି ସେମାନେ କହିଛନ୍ତି। ଧାରଣାରେ ପ୍ରଭାକର କୁମାର ଚୌଧୁରୀ, ରତିକାନ୍ତ ତ୍ରିପାଠୀ, ମନୋଜ କୁମାର ପାତ୍ର, ବସନ୍ତ କୁମାର ପ୍ରଧାନ, ଡଲି ଗୌଡ, ଦୀପକ କୁମାର ବେହେରା, ପ୍ରତିମା ବାରିକ, ମୁଲତା ଗୌଡ ପ୍ରମୁଖ ସାମିଲ ହୋଇଛନ୍ତି।

## ଟଙ୍କା କଟୁଛି, ଆସୁନି ସୂଚନାପତ୍ର

### ଯୁକ୍ତ୩ ନାମ ଲେଖା ବେଳେ ବିଭ୍ରାଟ

ଭଞ୍ଜନଗର୧।୧୦(ଡି.ଏନ.ଏ)

ଯୁକ୍ତ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ପାଇଁ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଚାଲିଛି। ପ୍ରଥମ ପର୍ଯ୍ୟାୟର ନାମ ଲେଖା ଶେଷ ତାରିଖ ଗୁରୁବାର ସନ୍ଧ୍ୟାରେ ୫ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଯାଇଛି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ଗୁରୁବାର ସୂଚନାପତ୍ର (ଇଣ୍ଟିମେଶନ ଲେଟର) ଡାଉନଲୋଡ ପାଇଁ ବିଭିନ୍ନ କମ୍ପ୍ୟୁଟର ସେଣ୍ଟରରେ ଭିଡ ଲଗାଇଥିଲେ। ଚଳିତବର୍ଷ ଇଣ୍ଟିମେଶନ ଲେଟର ଡାଉନଲୋଡ ସମୟରେ ହିଁ କଲେଜ ଆକାଉଣ୍ଟରେ ଟଙ୍କା ବାନ୍ଧିବାକୁ ସୂଚନା ଆସୁଛି। ଅନେକ ଛାତ୍ରୀଛାତ୍ରଙ୍କ ଟଙ୍କା କଟିଗଲା, କିନ୍ତୁ ଇଣ୍ଟିମେଶନ ଲେଟର ଡାଉନଲୋଡ ହେଲାନାହିଁ। ଭଞ୍ଜନଗର ଶଙ୍ଖସାହିର ଜଣେ ଯୁବକଙ୍କ ଏହିଭଳି ସମସ୍ୟା ହେବାରୁ ଦ୍ୱିତୀୟଥର ଟଙ୍କା ଅନ୍‌ଲାଇନରେ ପେମେଣ୍ଟ କରି ସୂଚନାପତ୍ର ଡାଉନ୍‌ଲୋଡ କରିଥିଲେ। କଟିଥିବା ଟଙ୍କା ମିଳିବ କିନାହିଁ ଅଭିଭାବକ ଚିନ୍ତାରେ। ଆଉ କେତେଜଣ ଛାତ୍ରୀଛାତ୍ରଙ୍କ କଟିଥିବା ଟଙ୍କା ୨୪ ଘଣ୍ଟା ଭିତରେ ଫେରି ଆସିବ ବୋଲି ବ୍ୟାଙ୍କ ଏବଂ କମ୍ପ୍ୟୁଟର ଦୋକାନୀମାନେ ଅଭିଭାବକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା ଉପରେ ରହିତାଦେଶ

ଆସିକା,୧।୧୦(ଡି.ଏନ.ଏ.)

ଶେରଗଡ ବ୍ଲକ ଅନ୍ତର୍ଗତ ତହଁର ପଞ୍ଚାୟତର ସରପଞ୍ଚ କାମିନୀ ମୁନିଙ୍କ ପଦବୀକୁ ଶେରଗଡସ୍ଥିତ କନିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ ପକ୍ଷରୁ ଅସିଦ୍ଧ ଘୋଷଣା କରାଯାଇଥିଲା। ଗୁରୁବାର ଆସିକା ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଏହି ଘୋଷଣା ଉପରେ ରହିତାଦେଶ ନିମନ୍ତେ ହୋଇଥିବା ଏକ ମାମଲାର ବିଚାର କରି ନିମ୍ନ ଅଦାଲତଙ୍କ ଘୋଷଣା ଉପରେ ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଦେଇଛନ୍ତି। ଅଦାଲତ ଏହି ମାମଲାରେ ଅନ୍ୟ ପକ୍ଷମାନେ ନୋଟିସ ପାଇବା ପରେ ନିଜ ପକ୍ଷ ରଖିବା ଲାଗି ମଧ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ତହଁର ସରପଞ୍ଚ କାମିନୀ ମୁନୀଙ୍କୁ ଲେଖାପଢା ଆସୁ ନ ଥିବା ଅଭିଯୋଗ କରି ନିର୍ବାଚନର ଅନ୍ୟଜଣେ ପ୍ରତିଦ୍ୱନ୍ଦ୍ୱୀ କବିତା ବେହେରା ଶେରଗଡସ୍ଥିତ ଦେୱାନୀ ବିଚାରପତିଙ୍କ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ। ବୁଧବାର ଅଦାଲତ ଏହି ମାମଲାର ବିଚାର କରି ସରପଞ୍ଚ କାମିନୀ ମୁନୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ। ଗୁରୁବାର କାମିନୀ ମୁନୀଙ୍କ ପକ୍ଷରୁ ଆସିକାସ୍ଥିତ ଅତିରିକ୍ତ ଜିଲା ଜଜଙ୍କ ଅଦାଲତରେ ଏହାକୁ ଏକ ଜରୁରୀ ମାମଲା ଭାବେ ବିବେଚନା କରି ଅସିଦ୍ଧ ଘୋଷଣା ଉପରେ ରହିତାଦେଶ ଦେବା ଲାଗି ଆବେଦନ କରାଯାଇଥିଲା। ସରପଞ୍ଚଙ୍କ ପକ୍ଷରୁ ସୁରେନ୍ଦ୍ର ନାଥ ପଣ୍ଡା ମାମଲା ଲଢୁଥିଲେ।

# ରାହୁଲଙ୍କୁ ଅଟକ ନେଇ ଯୁବ କଂଗ୍ରେସର ବିକ୍ଷୋଭ

ଫୁଲବାଣୀ ଅଫିସ,୧।୧୦



କ୍ୟାଣ୍ଡେଲ ଶୋଭାଯାତ୍ରା।

ଉତ୍ତରପ୍ରଦେଶ ହାଥରସ୍ ଚନ୍ଦପାରେ ଦଳିତ ମହିଳା ମନିଷାଙ୍କୁ ଗଣବଳାତ୍କାର ଏବଂ ହତ୍ୟା ଘଟଣାରେ ଉପଯୁକ୍ତ ନ୍ୟାୟ ପ୍ରଦାନ ଦାବିରେ କନ୍ଧମାଳ ଜିଲା ଯୁବ କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ରାହୁଲ ଗାନ୍ଧୀ ମନିଷାଙ୍କ ପରିବାରକୁ ଭେଟିବାକୁ ଗଲାବେଳେ ପୋଲିସ ଯେପରି ତାଙ୍କୁ ଦୁର୍ବ୍ୟବହାର କରିବା ସହ ଅଟକ ରଖିଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି କହି ଯୁବ କଂଗ୍ରେସ ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛି। କ୍ୟାଣ୍ଡେଲ ଶୋଭାଯାତ୍ରା ମାଦିକୁନ୍ଦା ଛକରୁ ବାହାରି ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବାପରେ ସେଠାରେ ଦଳୀୟ କର୍ମୀମାନେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଜିଲା ଯୁବ କଂଗେସ ସଭାପତି ବସନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ଶ୍ରମିକ ନେତା ଘନ କୁମାର ଶବର, ହେମନ୍ତ କର, ଦୁର୍ଯ୍ୟୋଧନ ପଟ୍ଟନାୟକ, ସଂସାର ଭୋଇ, ସୂର୍ଯ୍ୟକାନ୍ତ ଦାସ, ନନ୍ଦକିଶୋର ଦାସ, ଶିବଶଙ୍କର ବେହେରା, ଗୌର ଚରଣ ବେହେରା, କାମ ବେହେରା ପ୍ରମୁଖ ସାମିଲ ଥିଲେ।

## ଶନିବାର ,ରବିବାର ବଜାର ବନ୍ଦ

ଜି.ଉଦୟଗିରି,୧।୧୦(ଡି.ଏନ.ଏ.)

ଜି.ଉଦୟଗିରି ସହର ସମେତ ଗ୍ରାମାଞ୍ଚଳରେ କିଛିଦିନ ହେବ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦେଖି ଜି.ଉଦୟଗିରି ବ୍ୟବସାୟୀ ସଂଘ ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଆଗାମୀ ଶନିବାର ଓ ରବିବାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହାସହ ଅକ୍ଟୋବର ମାସର ପ୍ରତ୍ୟେକ ରବିବାର ଦୋକାନ ବଜାର ବନ୍ଦ କରିବାକୁ ସ୍ଥିର ହୋଇଛି। ଅନ୍ୟଦିନ ମାନଙ୍କରେ କେବଳ ସକାଳ ୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହିବ ବୋଲି ସଂଘ ସଭାପତି ସମୀର କୁମାର ପାଢୀ କହିଛନ୍ତି। ବିନା କାମରେ ବଜାରକୁ ନ ଆସିବା ପାଇଁ ଅନୁରୋଧ କରାଯାଇଛି। ସମସ୍ତ ସଙ୍ଗଠନ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଉପଜିଲାପାଳଙ୍କ ଆର୍‌ଆଇ କାର୍ଯ୍ୟାଳୟ ପରିଦର୍ଶନ

ଭଞ୍ଜନଗର, ୧।୧୦(ଡି.ଏନ୍.ଏ.)


ଉପ ଜିଲାପାଳ ପ୍ରତାପୁରରେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଗୁରୁବାର ଜଗନ୍ନାଥପ୍ରସାଦ ବ୍ଲକ ପ୍ରତାପୁର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ବିଭିନ୍ନ କାଗଜପତ୍ର ଯାଞ୍ଚ ସହ ସାଧାରଣଜନତା ଯେଭଳି ଉନ୍ନତ ସେବା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଚାରାରୋପଣ ପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଏହି ସମୟରେ ଏଆର୍‌ଆଇ ରାଜେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଉପ ଜିଲାପାଳ ଜଗନ୍ନାଥପ୍ରସାଦ ତହସିଲ କାର୍ଯ୍ୟାଳୟକୁ ଯାଇ ସେଠାରେ ବିଭିନ୍ନ ଆର୍‌ଆଇ ସର୍କଲର କର୍ମଚାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ଏଥିସହ ରାଜସ୍ୱ ବୃଦ୍ଧି ଏବଂ ବେଆଇନ କାର୍ଯ୍ୟାକଳାପ ଉପରେ ନଜର ରଖି ଚଢ଼ାଉ ଜୋରଦାର କରିବାକୁ ଉପ ଜିଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ତହସିଲଦାର ବୋରିଆଲ ମୁର୍ମୁଙ୍କ ସମେତ ସମସ୍ତ ଆର୍‌ଆଇ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ପାଇଁ ଅନୁମତି ଦାବି

ବ୍ରହ୍ମପୁର ଅଫିସ, ୧।୧୦

ବ୍ରହ୍ମପୁର ସହରରେ ଦୁର୍ଗାପୂଜା ଲାଗି ପୂଜାମଣ୍ଡପ ଗୁଡିକୁ ଅନୁମତି ପ୍ରଦାନ ପାଇଁ ଦାବି ହୋଇଛି। ଏନେଇ ଗୁରୁବାର ସହରର ଥିବା ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାମାନେ ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତିଭାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସହରରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ମା' ଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହୋଇଆସୁଛି। ସେଥିମଧ୍ୟରୁ ଅନେକ ପୂଜା କମିଟି ଅସ୍ଥାୟୀ ମଣ୍ଡପରେ ପୂଜା କରିଆସୁଛନ୍ତି। ଅସ୍ଥାୟୀ ମଣ୍ଡପରେ ପୂଜା ଆୟୋଜନ ହେଉଥିବା ଦୁର୍ଗାପୂଜା କମିଟିଗୁଡିକୁ ଅନ୍ୟୂନ୍ୟ ୧୦ ଫୁଟ ଜାଗାରେ ବିନା ଆଡମ୍ବରରେ କୋଭିଡ୍ ନିୟମ ପାଳନ ପୂର୍ବକ ରୀତିନୀତି ସହ ନବରାତ୍ର ପୂଜା ଆୟୋଜନ କରିବାକୁ ଅନୁମତି ଦେବାକୁ ପୂଜା କମିଟି କର୍ମକର୍ତ୍ତାମାନେ ଦାବି କରିଥିଲେ। ଆସନ୍ତା ୧୭ରୁ ନବରାତ୍ର ପୂଜା ଆରମ୍ଭ ହେଉଥିବା ବେଳେ ଏହା ପୂର୍ବରୁ ପୂଜା ଆୟୋଜନ ପାଇଁ ଅନୁମତି ଦେବାକୁ କମିଟି କର୍ମକର୍ତ୍ତାମାନେ ଉପଜିଲାପାଳଙ୍କୁ ନିବେଦନ କରିଥିଲେ। ୨ଦିନ ମଧ୍ୟରେ ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା କମିଟି କର୍ମକର୍ତ୍ତାମାନେ ସୂଚାଇଛନ୍ତି। ଦାବିପତ୍ର ପ୍ରଦାନ ଅବସରରେ ରାମକୁମାର ପାତ୍ର, ବି. ଶ୍ରୀନିବାସ, ମନମୋହନ ଦଳାଇ ଓ ସନ୍ତୋଷ ଦାସଙ୍କ ସମେତ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ ଅବସରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା।

# ପଦ୍ମନାଭପୁରରେ ବଢୁଛି ଚୋରି, ପୋଲିସ ନିଷ୍କ୍ରିୟ

ଦିଗପହଣ୍ଡି,୧।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ପଦ୍ମନାଭପୁର ପଞ୍ଚାୟତର ବିଭିନ୍ନ ଗାଁରେ ଗତ କିଛିଦିନ ମଧ୍ୟରେ ଗୋଟିଏ ପରେ ଗୋଟିଏ ଚୋରି ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପଦ୍ମନାଭପୁର ପନ୍ଦରା ସାହିର ଅମୂଲ୍ୟ ବାଡ଼ତ୍ୟାଙ୍କ ଘରୁ ଗତ ୨୭ ତାରିଖ ରାତିରେ ଚୋରି ହୋଇଥିଲା। ଅମୂଲ୍ୟଙ୍କ ଘରୁ ଝିଅ ବାହାଘର ପାଇଁ ରଖାଯାଇଥିବା ୯ ଭରି ଓଜନର ସୁନା ଅଳଙ୍କାର, ୨୫ ଭରି ଓଜନର ରୁପା ଅଳଙ୍କାର, ଲୁଗା ଓ ୧୩ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏ ନେଇ ଅମୂଲ୍ୟ ଥାନାରେ ଏତଲା ଦେବା ସହ ଚୋରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ପୋଲିସକୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ରହସ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି କିଛିଦିନ ବ୍ୟବଧାନରେ ସରସ୍ୱତୀ ଶିଶୁ ମନ୍ଦିର, ହାଇସ୍କୁଲ ବିଜ୍ଞାନାଗାର ସମେତ ପ୍ରାଥମିକ ବିଦ୍ୟାଳୟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଚୈତନ୍ୟପୁର ଗ୍ରାମର କେ. ନାରସୀଙ୍ଗୁଲୁ ରେଡ୍ଡୀ, କଲ୍ୟାଣପୁର ଗାଁର ସୁଦକ୍ଷା ପାତ୍ର ଏବଂ ଟି. ମାଣିକଙ୍କ ଘରୁ ମଧ ଟଙ୍କା ଓ ସୁନାଗହଣା ଚୋରି ହୋଇଛି। ଏ ନେଇ ଏତଲା ହେବାପରେ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ରାତ୍ରକାଳୀନ ପାଟ୍ରୋଲିଂ କରାଯାଉନାହିଁ। ଏସବୁ ସିରିଜ ଚୋରି ଘଟଣା ପରେ ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯାଉଛି। ଗୁହାଳପୁର, ଭୀମପୁର, କଲ୍ୟାଣପୁର, ବାଗ ଆଦି ଗାଁରେ ଚୋର ଭୟ ଯୋଗୁ ଯୁବକମାନେ ଏକାଠି ହୋଇ ଠେଙ୍ଗାବାହିନୀ ଗଠନ କରିଛନ୍ତି। ସେମାନେ ପାଳି କରି ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଗାଁସାରା ପଇଁତରା ମାରୁଛନ୍ତି। ଏ ନେଇ ଟିକିଟି ଏସଡିପିଓ ସୁରେନ୍ଦ୍ରନାଥ ମୁର୍ମୁଙ୍କୁ ପଚାରିବାରେ ଥାନା ପକ୍ଷରୁ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି। ଜନସାଧାରଣ ପୋଲିସକୁ ସହଯୋଗ କଲେ ଚୋରି ଭୟ ରୋକାଯାଇ ପାରିବ ବୋଲି କହିଛନ୍ତି।

## ନୂଆପଡ଼ା ଫାଣ୍ଡି ଇଲାକାରେ ସିରିଜ୍ ଚୋରି

ଟିକିଟି,(ଡି.ଏନ.ଏ.)

କେ.ନୂଆଗାଁ ଥାନା ଅନ୍ତର୍ଗତ ନୂଆପଡା ଫାଣ୍ଡି ଇଲାକାରେ ବୁଧବାର ବିଳମ୍ବିତ ରାତିରେ ସିରିଜ୍ ଚୋରି ହୋଇଛି। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଫାଣ୍ଡିଠାରୁ ମାତ୍ର ୫୦ମିଟର ଦୂର ସୁନ୍ଦରଡା ଛକ ନିକଟରେ ଥିବା ବାଲ୍ମୀକି ସେଠୀଙ୍କ ୱେଲ୍ଡିଂ ୱାର୍କସପ୍‌ରୁ ବିଭିନ୍ନ ମେଶିନ ଚୋରାଇ ନେଇଛନ୍ତି। ସେହିପରି ଏକ ପାନ ଦୋକାନରୁ ୩ ହଜାର ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ବେଳେ ଟିଟୁ ଗ୍ୟାରେଜ୍ ଓ ପମ୍ପ ହାଉସ୍‌ରୁ କିଛି ସାମଗ୍ରୀ ଚୋରି ହୋଇଛି। ଗୁରୁବାର ସକାଳେ ଏ ନେଇ ପୃଥକ୍ ଭାବେ ଏତଲା ହେବାପରେ ନୂଆପଡା ଫାଣ୍ଡି ଅଧିକାରୀ ମାମଲା ରୁଜୁ କରିବା ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ନୂଆପଡ଼ା ଫାଣ୍ଡି ଇଲାକାରେ କିଛି ଦିନ ହେଲା ଏପରି ଚୋରି ବଢି ଚାଲିଥିବା ବେଳେ ଜନସାଧାରଣ ନିଜ ସୁରକ୍ଷିତ ମନେ କରୁନାହାନ୍ତି। ଚୋରମାନେ ପୋଲିସ୍ ଆଖିରେ ଧୂଳି ଦେଇ ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛନ୍ତି।

